





# ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର



ODISHA BAMBOO DEVELOPMENT AGENCY

ବାଉଁଶର ଉପଯୋଗିତାକୁ ହୃଦୟଙ୍ଗମ କରି ବାଉଁଶ କ୍ଷେତ୍ରରେ ସମ୍ମନ୍ୱିତ ବିକାଶ ପାଇଁ କେନ୍ଦ୍ରସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଜାତୀୟ ବାଉଁଶ ମିଶନ (ଜାତୀୟ କୃଷିଭିତ୍ତିକ ଜଙ୍ଗଲ ଓ ବାଉଁଶ ମିଶନ) ଗଠନ କରିଅଛନ୍ତି। ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଗଠନ କରିଅଛନ୍ତି।

ବାଉଁଶର ବାଣିଜ୍ୟିକ ଚାଷ ଓ ବାଉଁଶ ନିର୍ମିତ ସାମଗ୍ରୀ ଉତ୍ପାଦନ କରୁଥିବା ପ୍ରତିଯୋଗୀ ଗୋଷ୍ଠୀମାନଙ୍କ ମଧ୍ୟରେ ଉନ୍ନତ ବୈଷୟିକ ଜ୍ଞାନ ପ୍ରୟୋଗ ଦ୍ୱାରା ଏହି ସାମଗ୍ରୀମାନଙ୍କର ଗୁଣାତ୍ମକ ମାନ ବୃଦ୍ଧି କରିବା ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ମୁଖ୍ୟଲକ୍ଷ୍ୟ ଅଟେ। ଏହି ସଂସ୍ଥା ବାଉଁଶ କ୍ଷେତ୍ରରେ ନିଯୁକ୍ତ ଜନଜାତି, ଗରିବ ଗ୍ରାମବାସୀ, ଚାଷି ଓ ମହିଳାମାନଙ୍କ ପାଇଁ ସୁନିର୍ଦ୍ଦିଷ୍ଟ ଓ ଯଥାଯୋଗ୍ୟ ଆୟପନ୍ଥା ଏବଂ ଜୀବନର ମାନବୃଦ୍ଧି ଓ ସଶକ୍ତି କରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଥାଏ।

**ମିଶନର ଲକ୍ଷ୍ୟ :**

- ଆଞ୍ଚଳିକ କ୍ଷେତ୍ର ଆଧାରିତ ପରିଚାଳନା ଦ୍ୱାରା ବିଭିନ୍ନତା ଓ ବାଉଁଶ କ୍ଷେତ୍ରରେ ବ୍ୟାପକ ବୃଦ୍ଧିକୁ ପ୍ରୋତ୍ସାହିତ କରିବା;
- ଉଭୟ ବନ କ୍ଷେତ୍ର ଓ ବନ-ବର୍ହିଭୂତ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଉପଯୁକ୍ତ କିସମ ବାଉଁଶର ପରିସର ବଢ଼ାଇବା।
- ବାଉଁଶ ଆଧାରିତ ହସ୍ତଶିଳ୍ପର ବିପଣନକୁ ପ୍ରୋତ୍ସାହିତ କରିବା;
- ବାଉଁଶ ବିକାଶ ପାଇଁ ଭାଗୀଦାରମାନଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ସ୍ଥାପନ କରିବା;
- ପାରମ୍ପରିକ ଜ୍ଞାନ ଓ ଆଧୁନିକ ବିଜ୍ଞାନର ଘନିଷ୍ଠ ସଂଯୋଗ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାର ଉନ୍ନତି, ବିକାଶ ଓ ପ୍ରସାର କରାଇବା;
- କୁଶଳୀ ଓ ଅଣକୁଶଳୀ ବ୍ୟକ୍ତି ଓ ବିଶେଷତଃ ବେକାର ଯୁବକ / ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା।

**ପ୍ରଶିକ୍ଷଣ ଓ କର୍ମଶାଳା ପରିଚାଳନା :**

ବାଉଁଶ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ, ଚାଷୀ, ବାଉଁଶ କାରିଗର, ରାଜ୍ୟ ଓ ରାଜ୍ୟବାହାରକୁ ବିଭିନ୍ନ ସମୟରେ ପଠାଇ ବାଉଁଶର ଚାଷ ଓ ବ୍ୟବହାର ଯଥା ବାଉଁଶ ଚାରା ପ୍ରସ୍ତୁତି ପ୍ରଣାଳୀ, ଚାଷ ପ୍ରଣାଳୀ, ବାଉଁଶରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥାଏ। ଏହାଛଡା ଇଚ୍ଛୁକ ବାଉଁଶ କାରିଗର ମାନଙ୍କୁ ରାଜ୍ୟ ଭିତରେ ମାସିକିଆ ପ୍ରଶିକ୍ଷଣ ଓ ବାଉଁଶ ଚାଷୀମାନଙ୍କୁ ଦିନିକିଆ ତାଲିମ ଦିଆଯାଇଥାଏ। ଏହା ବ୍ୟତିତ ଇଚ୍ଛୁକ ଉଦ୍ୟୋଗି ତଥା ସ୍ୱୟଂସହାୟକ ଗୋଷ୍ଠୀ, ବେସରକାରୀ ସଂସ୍ଥା ମାନଙ୍କୁ ମଧ୍ୟ ବାଉଁଶରୁ ଧୂପକାଠି ପ୍ରସ୍ତୁତି ପ୍ରଣାଳୀର ପରିଚାଳନା ପାଇଁ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ସାହାଯ୍ୟ ଦେଇଥାଏ। ବାଉଁଶ ଧୂପକାଠି ବ୍ୟତିତ ବାଉଁଶରୁ ବିଭିନ୍ନ ଉପକରଣ ତଥା ଘରୋଇ ସାମଗ୍ରୀର ପ୍ରସ୍ତୁତ ପାଇଁ ପ୍ରକଳ୍ପ ସହାୟତା ଯୋଗାଇଥାଏ। ଏହାଛଡା ବାଉଁଶ ସଂରକ୍ଷଣ, ବାଉଁଶ ବଜାର, ବାଉଁଶ ବିକ୍ରୟ କେନ୍ଦ୍ର ପାଇଁ ମଧ୍ୟ ପ୍ରକଳ୍ପ ସହାୟତା ଯୋଗାଇଥାଏ।

ଆମ୍ଭେମାନେ ସମସ୍ତେ ଜାଣିଅଛୁ ଯେ, ବାଉଁଶ ଅତି ଆବଶ୍ୟକୀୟ ଘାସ ଜାତୀୟ ଉଦ୍ଭିଦ ଓ କାଠର ବିକଳ୍ପ ଅଟେ। ଯାହାକି ଲକ୍ଷ ଲକ୍ଷ ଗ୍ରାମୀଣ ଶ୍ରମିକ, ଆଦିବାସୀଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶର ମାଧ୍ୟମ ଅଟେ। ଏଣୁ ଏହାକୁ ସବୁଜସୁନା (Green Gold), ଗରିବର ମୂଖ୍ୟ କାଠ (Poor Man Timber) ମଧ୍ୟ କୁହାଯାଏ।

**ବାଉଁଶ ଲଗାଇବା କାହିଁକି :**

ବାଉଁଶ ଚାଷ ବାଣିଜ୍ୟିକ ଭିତିରେ ଲାଭ ଦାୟକ ଅଟେ। ବାଉଁଶ ଭବିଷ୍ୟତରେ କାଠର ବିକଳ୍ପ ଅଟେ। କାଠ ଅପେକ୍ଷା ବାଉଁଶର ମୂଲ୍ୟ କମ୍। ବାଉଁଶକୁ ୧୫୦୦ରୁ ଉର୍ଦ୍ଧ ପ୍ରକାର କାର୍ଯ୍ୟରେ ବ୍ୟବହାର କରାଯାଇଥାଏ ଯଥା : ଖାଦ୍ୟ, ଜାଳେଣୀ, ଗୃହନିର୍ମାଣ, କୃଷିକାର୍ଯ୍ୟ, ବାଡିବଗିଚା, କୁଟିର ଶିଳ୍ପ ଯଥା - ବିଭିନ୍ନ ପ୍ରକାର ସୌଖିନ ଗୃହସଜା ସାମଗ୍ରୀ, ଯାନ୍ତ୍ରିକ ଶିଳ୍ପ- ଯଥା, କାଗଜ ତିଆରି, ପୋଷାକ ତିଆରି, ଲାମିନେଟେଡ ବୋର୍ଡ, ବାଉଁଶ କୋଇଲା ଇତ୍ୟାଦି। ଶାଗୁଆନ, ଶାଳ ଇତ୍ୟାଦି କାଠ ପରିପକ୍ୱ ହେବାପାଇଁ ୮୦ ବର୍ଷରୁ ଅଧିକ ସମୟ ଲାଗୁଥିବା ବେଳେ ବାଉଁଶକୁ ମାତ୍ର ୪ ବର୍ଷ ଲାଗିଥାଏ। ବାଉଁଶର କରଡିରୁ ସୁସ୍ୱାଦୁଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ବାଉଁଶକୁ ଔଷଧ ରୂପେ ମଧ୍ୟ ବ୍ୟବହାର କରାଯାଇଥାଏ। ବାଉଁଶ ଲକ୍ଷ ଲକ୍ଷ ଗ୍ରାମୀଣ ଗରିବ ଜନସାଧାରଣ ଓ ଆଦିବାସୀଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶର ଏକ ମାଧ୍ୟମ ଅଟେ। ଗୋଟିଏ ବାଉଁଶ ବୁଦା ପୌନଃପୁନିକ ଭାବେ ପ୍ରାୟ ୮୦ ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କ୍ଷମ ହୋଇଥାଏ। କାଠ ନିର୍ମିତ ସାମଗ୍ରୀ ବଦଳରେ ବାଉଁଶ ନିର୍ମିତ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଆଗାମି ବଂଶଧରଙ୍କ ପାଇଁ ସବୁଜ ପୃଥିବୀ ଓ ସୁସ୍ଥ ବାତାବରଣ ସୃଷ୍ଟି ହୋଇ ପାରିବ। ବାଉଁଶ ପରିବେଶ ଜନିତ ନିରାପତ୍ତା ଓ ମୃତ୍ତିକା ସଂରକ୍ଷଣ କରିଥାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବାଉଁଶର ଆବଶ୍ୟକତା ରହିଅଛି।





**ଚାଷୀମାନଙ୍କୁ ସହାୟାତା :**

ବାଉଁଶ ଉନ୍ନୟନ ସଂସ୍ଥାଦ୍ୱାରା ବାଉଁଶ ଘରାରୋପଣ ପାଇଁ ଚାଷୀମାନଙ୍କୁ ନିମ୍ନମତେ ସହାୟତା ଯୋଗାଇ ଦିଆଯାଉଅଛି:

| ବିବରଣୀ | ସହାୟତା ରାଶି |
|---|---|
| ବାଉଁଶ ଘରାରୋପଣ ପାଇଁ | ଅନୁଦାନ ରାଶିର ପରିମାଣ ହେକ୍ଟର ପ୍ରତି ଟ.୧୦,୫୦୦/-, (ତିନିବର୍ଷରେ) ଜଣେ ହିତାଧିକାରୀ ସର୍ବୋଚ୍ଚ ୪ ହେକ୍ଟର ବାଉଁଶ ରୋପଣ କରିବା ପାଇଁ ସହାୟତା ପାଇ ପାରିବେ। |
| ପୁରୁଣା ବାଉଁଶ ବୁଦାର ଉନ୍ନତି କରଣ ପାଇଁ | ଅନୁଦାନ ରାଶି ହେକ୍ଟର ପ୍ରତି ଟ.୮,୦୦୦/- (ଜଣେ ହିତାଧିକାରୀ ସର୍ବୋଚ୍ଚ ୨ ହେକ୍ଟର ପାଇଁ ପାଇପାରିବେ) |
| ରୋଗ ଓ ପୋକ ନିରାକରଣ ପାଇଁ | ହେକ୍ଟର ପ୍ରତି ଟ.୨୦୦/- (ଜଣେ ହିତାଧିକାରୀ ସର୍ବୋଚ୍ଚ ୨ ହେକ୍ଟର ପାଇଁ ପାଇପାରିବେ) |
| ବାଉଁଶ ଘରାରୋପଣ ସହ ଅଣୁ ଜଳସେଚନ | ହେକ୍ଟର ପ୍ରତି ଟ.୧୪,୭୦୦/- ଟଙ୍କା ହିସାବରେ ସର୍ବୋଚ୍ଚ ୪ ହେକ୍ଟର ପର୍ଯ୍ୟନ୍ତ ଜଣେ ହିତାଧିକାରୀ ଅଣୁ ଜଳସେଚନ କରିବା ପାଇଁ ସହାୟତା ପାଇପାରିବେ। |

**ବାଉଁଶ ଚାଷ ପ୍ରଣାଳୀ :**

ଆମ ଦେଶରେ ୧୫୦ ରୁ ଉର୍ଦ୍ଧ୍ୱ କିସମର ବାଉଁଶ ଦେଖିବାକୁ ମିଳେ। ଓଡ଼ିଶା ଜଙ୍ଗଲ ମାନଙ୍କରେ ସାଧାରଣତ ଶାଳିଆ ଓ କଣ୍ଟା ବାଉଁଶ ଦେଖାଯାଏ। କିନ୍ତୁ ବାଡି ବଗିଚରେ ମୁଖ୍ୟତଃ ସୁନ୍ଦରକଣି, ବାଡିଆ ଓ ତରଡା ବାଉଁଶ ଦେଖାଯାଏ।

**ଜଳବାୟୁ :** ମଧ୍ୟମ ରୁ ଅଧିକ ଆଦ୍ରତା ଥିବା ଅଞ୍ଚଳ ଉତ୍କୃଷ୍ଟ ଅଟେ।

**ମୃତ୍ତିକା :** ଦୋରସା ମାଟି (ବାଲିମିଶା ପଟୁ), ଉତ୍ତମ ଜଳ ନିଷ୍କାସିତ ମୃତ୍ତିକା ଉତ୍କୃଷ୍ଟ ଅଟେ।

**ତାପମାତ୍ରା :** ୮° ରୁ ୩୬° ସେଲସିଅସ୍ ଉତ୍ତମ ଅଟେ।

**ଅମ୍ଳତା :** ମୃତ୍ତିକାର ଅମ୍ଳତା (Ph) ୫.୫ରୁ ୭.୫ ଉତ୍ତମ ଅଟେ।

ବାଉଁଶ ଚାଷରୁ ଅଧିକ ଲାଭ ପାଇବାକୁ ହେଲେ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ଦରକାର।

**ନର୍ସରୀ (ଚାରାକ୍ଷେତ୍ର) ପଟାଳି ପ୍ରସ୍ତୁତ ପ୍ରଣାଳୀ :**

୧. ୨:୧:୧ ଅନୁପାତରେ ମାଟି, ବାଲି, କମ୍ପୋଷ୍ଟ (F.Y.M.) ଖତ ଦେଇ ଏକ ଉଚ୍ଚ ପଟାଳି ତିଆରି କରାଯାଏ। ଯାହାର ଲମ୍ବ ଜାଗାର ସ୍ଥିତି ନେଇ ଚୟନ କରାଯାଏ। ସାଧାରଣତଃ ୫ମିଟର ଲମ୍ବ ୧.୨ ମିଟର ଚଉଡା ଓ ୦.୧୫ ମିଟର ଗଭୀରତାର ମାଟିକୁ ଭଲ ରୂପେ ଖୋଳି ପଟାଳି କରାଯାଏ।

୨. ଉଇ, ଅନ୍ୟାନ୍ୟ କିଟ ଓ କବକ ଆକ୍ରମଣକୁ ରୋକିବାପାଇଁ ରୋପଣର ସପ୍ତାହ ପୂର୍ବରୁ ପଟାଳିରେ ଉପଯୁକ୍ତ କୀଟନାଶକ ବ୍ୟବହାର କରାଯାଏ।

**ବାଉଁଶ ଚାରା ପ୍ରସ୍ତୁତ ପ୍ରଣାଳୀ :**

ବାଉଁଶରୁ ବିଭିନ୍ନ ଉପାୟରେ ଚାରା ପ୍ରସ୍ତୁତ କରାଯାଇପାରେ। ଯଥା – ବାଉଁଶ ମଞ୍ଜି (Seeds), କାଣ୍ଡ (Culm), ଶାଖା (Branch), ବାଉଁଶ ପୁଆ (Rhizome / Offset), ପବ (Node), ଟିସୁ କଲଚର ଇତ୍ୟାଦି।

**ବାଉଁଶ ମଞ୍ଜିରୁ (Seed) ଚାରା ପ୍ରସ୍ତୁତ ପ୍ରଣାଳୀ :**



ସାଧାଣଣତଃ ଏପ୍ରିଲ ଓ ମେ ମାସରେ ମଞ୍ଜି ସଂଗ୍ରହ କରି ୬ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ସାଧାରଣ ପାଣିରେ ବତୁରା ଯାଏ। ବତୁରା ଯାଇଥିବା ମଞ୍ଜିକୁ ତିଆରି ହୋଇଥିବା ପଟାଳିରେ ଧାଡି ଧାଡି କରି ବୁଣାଯାଏ ଓ ମାଟିର ପତଳା ଆସ୍ତରଣ ଦ୍ୱାରା ଘୋଡାଇ ଦିଆଯାଏ। ଯେପରିକି ମଞ୍ଜି ଉପରକୁ ଦେଖା ନଯାଏ। ପ୍ରତ୍ୟେକ ଦିନ ପାଣି ଦିଆଯାଏ।

୨୦–୨୫ ଦିନ ଭିତରେ ଚାରା ୪–୬ ପତ୍ର ବିଶିଷ୍ଟ ହୋଇଗଲେ ମାଟି ଖତ ଭରାଯାଇ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଜରି ମୁଣାକୁ ସ୍ଥାନାନ୍ତରିତ କରାଯାଏ।

**ବାଉଁଶ କାଣ୍ଡରୁ ଚାରା ପ୍ରସ୍ତୁତ ପ୍ରଣାଳୀ :**

**କାଣ୍ଡ କର୍ତ୍ତନ (Culm Cutting) :**

**ବାଉଁଶ କାଣ୍ଡ :** ଏହି ପ୍ରଣାଳୀରେ ସମୟ (ଋତୁ), ବାଉଁଶର ବୟସ ଓ ହରମୋନ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଣାଳୀ ପାଇଁ ଫେବୃୟାରୀ ଓ ମାର୍ଚ୍ଚ ମାସ ଉପଯୁକ୍ତ ସମୟ ଅଟେ। ସୁସ୍ଥ ବାଉଁଶ ବୁଦାରୁ ୧.୫ ରୁ ୨ ବର୍ଷ ବୟସ୍କ କାଣ୍ଡ ଭୂସ୍ତରରୁ ଅଥବା ପ୍ରଥମ ଗଣ୍ଠି ବା ଦ୍ୱିତୀୟ ଗଣ୍ଠିର ଠିକ୍ ଉପରୁ କାଟି ବାହର କରିଦିଆଯାଏ। ବାଉଁଶର ଅଗ୍ରଭାଗର ସରୁ ଅଂଶକୁ ୨–୩ ମିଟର କାଟି କାଢ଼ି ଦିଆଯାଏ। ପାରିପାର୍ଶ୍ୱସ୍ଥ ଶାଖା ବା କଣିଗୁଡିକ ଗଣ୍ଠି ଠାରୁ ୨–୩ ଇଞ୍ଚ ଛାଡି କାଟି ଦିଆଯାଏ। ଯେପରି କି ଗଣ୍ଠିରେ ଥିବା କଳିକାର କୌଣସି କ୍ଷତି ନହୁଏ। ତୀକ୍ଷ୍ଣ ଛୁରୀ କିମ୍ବା ସରୁ କରତ ବ୍ୟବହାର କରି ବାଉଁଶ କାଣ୍ଡକୁ ଗୋଟିଏ କିମ୍ବା ୨ ଗଣ୍ଠି ବିଶିଷ୍ଟ ଗଡ଼ (ଗୋଟିଏ କିମ୍ବା ଦୁଇ ଗଣ୍ଠି)ର ଉଭୟ ପାର୍ଶ୍ୱରୁ ୧୦ ସି.ଏମ୍ ଛାଡି ତେରଛା ରୂପେ କାଟିଦିଆଯାଏ) ପ୍ରସ୍ତୁତ କରାଯାଏ। ବାଉଁଶ ଦୁଇ ଗଣ୍ଠିର ମଧ୍ୟବିତ୍ତ ସ୍ଥାନରେ ଗୋଟିଏ ଲେଖାଏ ଛୋଟ କଣା (5mm) କରାଯାଏ। ଏହି କଣାରେ ୨୦୦ମି.ଲି. ପର୍ଯ୍ୟନ୍ତ ହରମୋନ୍ ପାଣି (୨ଗ୍ରାମ Indole Butyric Acid ୧୦ ଲି ପାଣିରେ) ଭର୍ତ୍ତି କରାଯାଇ





ଛିଦ୍ରଟିକୁ ସେଲୋଟେପ୍ ବା ଜରିରେ ବନ୍ଦ କରିଦିଆଯାଏ। ହରମୋନ ନ ମିଳିଲେ ପୁରା ପବରେ ସ୍ୱଚ୍ଛ ପାଣି ଭର୍ତ୍ତି କରି ଛିଦ୍ରଟିକୁ ବନ୍ଦ କରିଦିଆଯାଏ। ମାଟିରେ ବାଉଁଶ ଗଡ଼ ଗୁଡ଼ିକୁ ପୋତିବା ପୂର୍ବରୁ ଏହାର କଟା ଅଂଶକୁ ୦.୧% Bavistin solution (1 g.m ./ ltr water) ରେ ବୁଡାଇ ପଟାଳିରେ ଭୂତଳଶାୟୀ କରି ଏପରି ରଖନ୍ତୁ ଯେପରିକି ଛିଦ୍ର ଗୁଡ଼ିକ ଉର୍ଦ୍ଧ୍ୱମୁଖୀ ରହିବ ଓ କଳିକା ଗୁଡ଼ିକ ଭୂମିସହ ପାର୍ଶ୍ୱିକ ଭାବରେ ରହିବ। ଗଡ଼ ଗୁଡ଼ିକୁ ୨-୩ ସେ.ମି. ମାଟି ଆସ୍ତରଣରେ ଘୋଡାଇ ଦିଆଯାଏ। ଠିକ୍ ରୂପେ ଗଜା ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଓ ତତ୍‌ପରେ ଦରକାର ଅନୁଯାୟୀ ପାଣି ଦିଆଯାଏ। ଚେର ପ୍ରାୟ ୧ ରୁ ୧ ୧/୨ ମାସ ମଧ୍ୟରେ ବାହାରେ। ନୂଆ ବାଉଁଶ ଗଜା (ଗର୍ଭମୂଳ ଓ କାଣ୍ଡ) କର୍ତ୍ତନ କାଣ୍ଡରୁ ୧୫-୨୦ ଦିନ ମଧ୍ୟରେ ବିକଶିତ ହୋଇଥାଏ ଯାହାକି ପରବର୍ତ୍ତୀ ସମୟରେ ଜମିରେ ଲଗାଯାଇଥାଏ।

**ବାଉଁଶ କାଣ୍ଡ ଶାଖାରୁ ଚାରା ପ୍ରସ୍ତୁତ ପ୍ରଣାଳୀ (Branch Cutting) :**

ବାଉଁଶ କାଣ୍ଡଶାଖା ବା କଣିରୁ ମଧ୍ୟ ଚାରା ପ୍ରସ୍ତୁତ କରାଯାଇପାରେ। ୧ ୧/୨ ରୁ ୨ ବର୍ଷ ବୟସର ବାଉଁଶକୁ କୌଣସି କ୍ଷତି ନ ପହଁଞ୍ଚାଇ ବାଉଁଶ କାଣ୍ଡରୁ କଣିଟିକୁ ସ୍ୱିତ ମୂଳସହିତ ଅଲଗା କରାଯାଏ। ଶାଖା ଗୁଡ଼ିକୁ ସ୍ୱିତ ମୂଳ ସହିତ ୧ କିମ୍ବା ୨ ଗଣ୍ଠି ବିଶିଷ୍ଟ କଟାଯାଇ ନର୍ସରୀ ବେଡ କିମ୍ବା ଜରିମୁଣିରେ ଏଭଳି ଭାବରେ ପୋତାଯାଏ ଯେପରିକି ଏହାର ସ୍ୱିତ ମୂଳ ଓ ଗୋଟିଏ ଗଣ୍ଠି ମାଟି ଭିତରେ ରହିବ। ନର୍ସରୀ ବେଡ୍ ବା ଜରିମୁଣାରେ ଲଗାଇବା ପୂର୍ବରୁ ପାଣି କିମ୍ବା ହରମୋନରେ ୭ଘଣ୍ଟା ବୁଡାଯାଏ। ରୋପଣ ପରେ ଗଜା ହେବା ଓ ଚେର ଗଡାଇବାକୁ ୧-୪ ମାସ ସମୟ ଲାଗିଥାଏ। Culm Cutting ରେ ଲାଗୁ ହୋଇଥିବା ସବୁ ରାସାୟନିକ ଦ୍ରବଣ ଏହି ପଦ୍ଧତିରେ ମଧ୍ୟ ବ୍ୟବହାର କରାଯାଇଥାଏ।







**ବାଉଁଶ ପୁଆ (Rhizome/ offset)ରୁ ଚାରା ପ୍ରସ୍ତୁତି ପ୍ରଣାଳୀ :**



ବାଉଁଶର ଭୂଗର୍ଭ କାଣ୍ଡ କିମ୍ବା ଗଜା / ପୁଆ ମାଧ୍ୟମରେ ପ୍ରଜନନର ପାରମ୍ପରିକ ଓ ସମ୍ଭବତା ସର୍ବାଧିକ ଆଦୃତ ପ୍ରଣାଳୀ। ସୁସ୍ଥ ବୟସ୍କ ବାଉଁଶ ବୁଦାର କାଣ୍ଡକୁ ୧-୧.୫ ମିଟର ଉଚ୍ଚତାରେ କଟାଯାଏ ଓ ଚେର ଯୁକ୍ତ ଭୂଗର୍ଭ କାଣ୍ଡର କିଛି ଅଂଶ ସହ ଏହାକୁ ମା ବୁଦାରୁ ଯତ୍ନର ସହ ଖୋଳାଯାଇ ଅଲଗା କରାଯାଏ ଏବଂ ସଙ୍ଗେ ସଙ୍ଗେ ଲଗାଯାଏ। ଏହି ପୁଆ ଗୁଡ଼ିକୁ ନିଆଯାଇ ବର୍ଷାଦିନ ପୂର୍ବରୁ (ଜୁନ୍ ମାସରେ) ରୋପଣ କରିବାର ଉତ୍କୃଷ୍ଟ ସମୟ ଅଟେ। ଜମିରେ ଲଗାଯାଇଥିବା କାଣ୍ଡର ଉପରିଭାଗର କଟା ଅଂଶକୁ ଜରି ବା ଗୋବର ଦ୍ୱାରା ଘୋଡାଇ ଦେବା ଉଚିତ୍।

**ଟିସୁ କଲଚର (Tissue Culture) :**



ଏହା ଅତ୍ୟନ୍ତ ବ୍ୟୟ ସାପେକ୍ଷ ଓ ବୈଜ୍ଞାନିକ ପ୍ରଣାଳୀରେ ଗୋଟିଏ ଚାରାରୁ ବହୁ ସଂଖ୍ୟକ ଚାରା ବିଜ୍ଞାନଗାର ମଧ୍ୟରେ ଉତ୍ପନ୍ନ କରାଯାଇଥାଏ। ଏହା ଚାଷୀମାନଙ୍କ ପାଇଁ ବହୁତ ବ୍ୟୟ ସାପେକ୍ଷ ଅଟେ।

**ବାଉଁଶ ରୋପଣ ପ୍ରଣାଳୀ :**

**ଜମିପ୍ରସ୍ତୁତି :** ଗଛ ଲଗାଇବା ପୂର୍ବରୁ ଭୂମିରୁ ଘାସ ଓ ଅନାବନା ଗଛ ସଫାକରିବା ପାଇଁ ଜମିକୁ ଭଲ ରୂପେ ଦୁଇ ତିନି ଓଡ ଚାଷ କରାଯିବା ଆବଶ୍ୟକ।

**ବ୍ୟବଧାନ :** ବାଉଁଶର ପ୍ରକାର ଭେଦଅନୁସାରେ ଦୁଇଗଛ ମଧ୍ୟରେ ବ୍ୟବଧାନ ସ୍ଥିର କରାଯାଏ। ସାଧାରଣତଃ ସୁନ୍ଦରକଣି, କଣ୍ଟା ବାଉଁଶ ଓ ବାଡିଆ ବାଉଁଶ ପାଇଁ ଧାଡିକୁ ଧାଡି ୬ ମିଟର ଓ ଗଛକୁ ଗଛ ୫ ମିଟର ବ୍ୟବଧାନରେ ଲଗାଯାଏ। (୩୩୩ ଟି ପ୍ରତି ହେକ୍ଟର ପିଛା) ଶାଳିଆ ବାଉଁଶ ଧାଡିକୁ ଧାଡି ୬ ମିଟର ଓ ଗଛକୁ ଗଛ ୪ ମିଟର ବ୍ୟବଧାନରେ ଲଗାଯାଏ। (୪୧୭ ଗୋଟି ପ୍ରତି ହେକ୍ଟର ପିଛା)

**ଗାତ ଖୋଳା :** ବାଉଁଶ ଚାରା ରୋପଣ ପାଇଁ ଗାତଗୁଡ଼ିକ ୪୫ ସେ.ମି. ବ୍ୟାସ, ୪୫ ସେ.ମି. ଲମ୍ବ ଓ ୪୫ ସେ.ମି. ଗଭୀରତା ବା ୪୫ ସେ.ମି X ୩୦ ସେ.ମି. X ୩୦ ସେ.ମି. ରହିବା ଉଚିତ୍। ଏହା ଫେବୃୟାରୀ ଶେଷରୁ ଓ ମେ ମାସର ପ୍ରଥମାର୍ଦ୍ଧରେ ଖୋଳିବା ଆବଶ୍ୟକ।



**ଖତ ସାର ପ୍ରୟୋଗ :** ପ୍ରଥମ ବର୍ଷ ଗାତ ପ୍ରତି ୫ କେ.ଜି. ପରିମାଣର ଜୈବିକ ଖତ (FYM) ଓ (NPK) ୧୦୦ : ୫୦ : ୫୦, ଦ୍ୱିତୀୟ ବର୍ଷ ଗଛ ପ୍ରତି (NPK) ୧୫୦ : ୭୫ : ୭୫, ତୃତୀୟ ବର୍ଷ ଗଛ ପ୍ରତି (NPK) ୨୫୦ : ୧୨୫ : ୧୨୫, ଚତୁର୍ଥ ବର୍ଷ ଓ ତା ପରେ ଗଛ ପ୍ରତି (NPK) ୪୦୦ : ୨୦୦ : ୨୦୦ ପ୍ରୟୋଗ କରାଯିବା ଉଚିତ୍। ଯବକ୍ଷାରଜାନକୁ ଦୁଇଭାଗ କରି ପ୍ରଥମ ଭାଗ ବର୍ଷାଦିନେ ଓ ଦ୍ୱିତୀୟ ଭାଗ ଏହାର ଏକମାସ ପରେ ପ୍ରୟୋଗ କରାଯାଏ।

**ଲଗାଇବା ସମୟ :** ବର୍ଷାଋତୁର ଆରମ୍ଭ (ଜୁନ୍ ଶେଷ ଓ ଜୁଲାଇ ମାସ ପ୍ରାରମ୍ଭ)ବାଉଁଶ ଲଗାଇବାର ଉତ୍କୃଷ୍ଟ ସମୟ ଅଟେ।

**ଅନାବନା ଘାସ ଓ ଗୁଳ୍ମ ସଫା (କୋଡା ଖୁସା):** ପ୍ରତ୍ୟେକ ବାଉଁଶ ଗଛର ଚାରିପଟୁ ୬୦ ସେ.ମି. ଗୋଲାକାର ପରିସରରୁ ଅନାବନା ଘାସ ଓ ଗୁଳ୍ମ ସଫାକରି କୋଡାଖୁସା କରିବା ଉଚିତ୍।

**ତୃଣଭୋଜି ପ୍ରାଣୀଙ୍କ ନିୟନ୍ତ୍ରଣ :** ତୃଣଭୋଜି ପ୍ରାଣୀଙ୍କ ଦାଉରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଗଛ ଚାରିପାଖରେ ବା ସମ୍ପୂର୍ଣ୍ଣ ରୋପଣ କ୍ଷେତ୍ରର ଚାରିପାଖରେ ସୁରକ୍ଷା ବନ୍ଦୋବସ୍ତ କରିବା ଉଚିତ୍।

**ଜଳସେଚନ :** ପ୍ରଥମ ଓ ଦ୍ୱିତୀୟ ବର୍ଷ ଆବଶ୍ୟକତା ଅନୁସାରେ ଜଳସେଚନର ବ୍ୟବସ୍ଥା କଲେ ବାଉଁଶର ବୃଦ୍ଧି ଭଲ ହୁଏ। ଅଣୁ ଜଳସେଚନ ପଦ୍ଧତି ବାଉଁଶ ଚାଷ ପାଇଁ ବର୍ତ୍ତମାନ ପରିପେକ୍ଷୀରେ ଉତ୍ତମ ଅଟେ।

**ଦ୍ୱିତୀୟ ଓ ତୃତୀୟ ବର୍ଷରେ ରକ୍ଷଣାବେକ୍ଷଣ :** ବାଉଁଶରୁ ଅଧିକ ଅମଳ ପାଇବା ପାଇଁ ସାଧାରଣ ବର୍ଷାଦିନ ପୂର୍ବରୁ କୋଡାଖୁସା ଓ ବିଧି ଅନୁଯାୟୀ ଖତସାର ପ୍ରୟୋଗ କଲେ, ବାଉଁଶର ଅଭିବୃଦ୍ଧି ହେବା ସଂଗେ ସଂଗେ ଅଧିକ ଅମଳ ହୋଇଥାଏ। ଏହାଛଡା ପ୍ରତିବର୍ଷ ନିୟମିତ ଅମଳ ପାଇବାକୁ ହେଲେ ବାଉଁଶ ବୁଦାର ଉପଯୁକ୍ତ ଯତ୍ନ (ସଫା ସୁତୁରା, ବାଉଁଶ ମୂଳକୁ ମାଟିଦ୍ୱାରା ଘୋଡାଇବା ଇତ୍ୟାଦି) ଓ ଖତ ସାର ପ୍ରୟୋଗ କରାଯିବା ଉଚିତ୍।

**ଜୈବିକ ଆଚ୍ଛାଦନ (ଗଛ ମୂଳରେ ଆବରଣ) :** ମାଟିର ଆଦ୍ରତା ସଂରକ୍ଷଣ ଓ ମାଟିର ଜୈବିକତା ବୃଦ୍ଧିପାଇଁ ବାଉଁଶ ବୁଦାର ଚତୁଃପାଖରେ ଅନୁରୂପ ଭାବରେ ମାଟି, ପତ୍ରଆଦି ଆବର୍ଜନା ଓ ଅନ୍ୟାନ୍ୟ ଜୈବିକ ପଦାର୍ଥ ଦ୍ୱାରା ଆବରଣ କରିବା ଉଚିତ୍।

ବାଉଁଶକୁ ମଧ୍ୟ କୃଷିଭିତ୍ତିକ ଜଙ୍ଗଲର ଏକ ପ୍ରମୁଖ ଗଛ ଭାବରେ ଲଗାଯାଇ ପାରେ।

### ଅମଳ ଓ ପରିଚାଳନା :

**କାଣ୍ଡ ଅମଳ :** ରୋପଣର ଚତୁର୍ଥ ବର୍ଷରେ କାଣ୍ଡଗୁଡିକ ପରିପକ୍ୱ ହୋଇଥାଏ ଓ ଏହା ଅମଳ ପାଇଁ ଉପଯୁକ୍ତ। କେବଳ ଶୁଷ୍କ ଋତୁରେ (ଅକ୍ଟୋବର-ମେ) କାଣ୍ଡ ଅମଳ କରାଯାଏ। ଏହି ସମୟରେ ବାଉଁଶର ଶ୍ୱେତସାରର ମାତ୍ରା କମ୍ ଥାଏ। କମ୍ ଶ୍ୱେତସାର ଯୋଗୁ ବାଉଁଶରେ ବିନ୍ଧାଣୀ ପୋକ ଲାଗେ ନାହିଁ। ପ୍ରତ୍ୟେକ କାଣ୍ଡକୁ ଭୂମିଉପରିସ୍ଥ ସ୍ଥଳବିଶେଷରେ ପ୍ରଥମ ବା ଦ୍ୱିତୀୟ ଗଣ୍ଠିର ଠିକ୍ ଉପରୁ କଟାଯାଏ। ବର୍ଷାଦିନେ କାଣ୍ଡ ଅମଳ କରାଯାଏ ନାହିଁ। ଅମଳ ପରେ ପ୍ରତ୍ୟେକ ବୁଦାରେ ଜୈବିକ ଆଚ୍ଛାଦନ (Mulching) ଦିଆଯାଇଥାଏ।









**ଆୟ ବ୍ୟୟର ଅଟକଳ (ଆନୁମାନିକ ସର୍ବନିମ୍ନ) ହେକ୍ଟର ପ୍ରତି :**

| ବ୍ୟୟ | ଆୟ |
|---|---|
| ୪ ବର୍ଷ ପାଇଁ ୪୨,୦୦୦/- | ୫ମ ବର୍ଷ ୩୩୩ ବୁଦା x ୨ଟି x ୫୦/- = ୩୩,୩୦୦/- |
| ୫ମ ବର୍ଷରୁ ଅମଳ କରାଯାଏ | ୬ଷ୍ଠ ବର୍ଷ ୩୩୩ ବୁଦା x ୪ଟି x ୫୦/- = ୬୬,୬୦୦/- |
| | ୭ମ ବର୍ଷ ୩୩୩ ବୁଦା x ୬ଟି x ୫୦/- = ୯୯,୯୦୦/- |
| | ୮ମ ବର୍ଷ ୩୩୩ ବୁଦା x ୧୦ଟି x ୫୦/- = ୧,୬୬,୫୦୦/- |

ଏହିପରି ସାଧାରଣତ ଗୋଟିଏ ବାଉଁଶ ବୁଦାରୁ ପ୍ରାୟ ୮୦ ବର୍ଷ ପର୍ଯ୍ୟନ୍ତ ଅମଳ କରାଯାଇଥାଏ। ଚାରି ବର୍ଷ ପରେ ପ୍ରତି ବର୍ଷ ବାଉଁଶ ବୁଦା ପ୍ରତି ଖତ ସାର, ମାଟି ଦେବା, ବାଉଁଶ କାଟିବା ଇତ୍ୟାଦି ବାବଦକୁ ପ୍ରାୟ ୬୦ଟଙ୍କା ଖର୍ଚ୍ଚ ହୋଇଥାଏ।

ଆଗ୍ରହି ଚାଷୀ ଭାଇ ଭଉଣୀ, ବ୍ୟକ୍ତିବିଶେଷ, ଉଦ୍ୟୋଗୀ ଗୋଷ୍ଠି ସମୁହ ତଥା ସ୍ୱଂୟ ସହାୟକ ଗୋଷ୍ଠିମାନଙ୍କୁ ଅନୁରୋଧ ସେମାନେ ସ୍ଥାନୀୟ କ୍ଷେତ୍ର ଅଧିକାରୀ, ଖଣ୍ଡିୟ ବନଅଧିକାରୀ (ଭୂଖଣ୍ଡ/ବନ୍ୟଜନ୍ତୁ) ଏବଂ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଭୁବନେଶ୍ୱରଙ୍କ ସହ ଯୋଗାଯୋଗ କରିପାରନ୍ତି ଏବଂ ନିଜର ପ୍ରସ୍ତାବ ଜିଲ୍ଲା ବାଉଁଶ ଉନ୍ନୟନ ସଂସ୍ଥା କିମ୍ବା ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାରେ ପଇଠ କରିପାରନ୍ତି।







**ଯୋଗାଯୋଗ: ସ୍ଥାନୀୟ କ୍ଷେତ୍ର ଅଧିକାରୀ, ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା -**

| | | | | | |
|---|---|---|---|---|---|
| ଭୁବନେଶ୍ୱର | - | ୯୯୩୭୩୮୭୨୮୨ | ଅନୁଗୁଳ | - | ୯୫୮୩୭୩୨୯୧୧ |
| କୋରାପୁଟ | - | ୯୪୩୭୦୬୪୪୦୫ | ସମ୍ବଲପୁର | - | ୯୯୩୮୭୩୧୩୯୭ |
| ଫୁଲବାଣୀ | - | ୯୪୩୭୦୮୭୫୦୪ | ରାଉରକେଲା | - | ୯୭୭୮୬୯୦୬୯୧ |
| ବାରିପଦା | - | ୯୮୬୧୮୭୦୯୭୫ | ଭବାନିପାଟଣା | - | ୯୪୩୮୨୬୯୫୨୮ |


**ରାଜ୍ୟ ମିଶନ ନିର୍ଦ୍ଦେଶକ**

**ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା**

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

ନୀଳକଣ୍ଠ ନଗର, ନୂଆପଲ୍ଲୀ, ଭୁବନେଶ୍ୱର-୧୨

ଫୋନ/ଫ୍ୟାକ୍ସ : (୦୬୭୪) ୨୫୬୫୩୪୪

E-mail : obda@rediffmail.com / www.odishabamboo.org